# ଓଡ଼ିଶା ବିଧାନସଭା

## ପଞ୍ଚଦଶ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୦୭ ଫେବୃୟାରୀ ୨୦୨୪

----

: [**କୃଷି ଓ କୃଷକ ସଶକ୍ତିକରଣ - ସମବାୟ - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ବିଦ୍ୟାଳୟ ଓ ଗଣଶିକ୍ଷା - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ଉଚ୍ଚ ଶିକ୍ଷା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ].

**ମୋଟ ପ୍ରଶ୍ନର ସଂଖ୍ୟା 30**

----

### ଲିଚୁ ଚାଷ ପାଇଁ ପ୍ରୋତ୍ସାହନ

***31 ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ସମେତ ରାଜ୍ୟରେ ଲିଚୁ ଚାଷ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

### ଗ୍ରନ୍ଥାଗାର ଭିତ୍ତିଭୂମୀର ଉନ୍ନୟନ

***32 ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଗ୍ରନ୍ଥାଗାର ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

### ନୂତନ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

***33 ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ କେଉଁ ବ୍ଲକରେ କେତେଗୋଟି ବାତ୍ୟା ଆଶ୍ରୟସ୍ଥଳୀ ଅଛି ଓ ଅଧିକ ବାତ୍ୟା ଆଶ୍ରୟସ୍ଥଳୀ ପ୍ରତିଷ୍ଠା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ମାପ ଓଜନର ବ୍ୟବସ୍ଥା କଡାକଡି

*34 **ଶ୍ରୀ ସୁଧୀର କୁମାର ସାମଲ (ଢେଙ୍କାନାଳ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମାପ ଓଜନ ବ୍ୟବସ୍ଥା କଡାକଡି କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ହିନ୍ଦୀ ଶିକ୍ଷାକୁ ପ୍ରଚାର ପ୍ରସାର କରିବା

*35 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ହିନ୍ଦୀ ଶିକ୍ଷାକୁ ପ୍ରଚାର ପ୍ରସାର ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ସମବାୟ ସଂସ୍ଥା ଦ୍ୱାରା ଜମା ସଂଗ୍ରହ

*36 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଳସରା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ ଜିଲ୍ଲାରେ ଏବେ କେତୋଟି ସମବାୟ ସଂସ୍ଥା ଲୋକଙ୍କ ଠାରୁ ଅର୍ଥ ଜମା ସଂଗ୍ରହ କରୁଛନ୍ତି ଓ ଲୋକଙ୍କୁ କେତେ ଋଣ ପ୍ରଦାନ କରୁଛନ୍ତି, ସେ ସବୁର ତାଲିକା ମୋଟ ଜମା ଓ ଦିଆଯାଇଥିବା ଋଣ ପରିମାଣ ଦେବେ କି ?

----

## ମାଛ ଚାଷ, କୁକୁଡା ଓ ଛେଳି ପାଳନ ପାଇଁ ପ୍ରୋତ୍ସାହନ

*37 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟବାସୀ ଏବେବି ମାଛ. ଛେଳି, ଅଣ୍ଡା କୁକୁଡା ଉପରେ ନିର୍ଭର କରିବା ସତ୍ୟ କି ଉତ୍ତର ଯଦି ହଁ ହୁଏ ବେକାର ଯୁବକ ଯୁବତୀ ମାନଙ୍କୁ ଉକ୍ତ ମାଛ ଚାଷ, ଛେଳି ପାଳନ କୁକୁଡା ପାଳନ ପାଇଁ ଅଧିକ ପ୍ରୋତ୍ସାହନ ଯୋଗାଇଲେ ସେମାନେ ଆତ୍ମନିର୍ଭଳଶୀଳ ହୋଇପାରନ୍ତି କି ବ୍ୟାଙ୍କ ଗୁଡିକ ଋଣ ପ୍ରଦାନ କରିବାରେ ଏବଂ ତହସିଲରୁ ଜମି ଲିଜରେ ମିଳିବା ସମସ୍ୟା କେବା ସୁଦ୍ଧା ସରକାର ଦୂର କରିପାରିବେ ବିବୃତି ରଖିବେ କି ?

----

## ମାଣ୍ଡିଆର ପ୍ରୋତ୍ସାହନ ନିମନ୍ତେ ପଦକ୍ଷେପ

*38 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ପୁଷ୍ଟିଶସ୍ୟ ମାଣ୍ଡିଆର ପ୍ରୋତ୍ସାହନ ନିମନ୍ତେ ରାଜ୍ୟ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି 2017 ରୁ ବର୍ତ୍ତମାନ ସୁଦ୍ଧା ମିଲେଟ୍ ମିଶନ ଜରିଆରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ଏ ବାବଦରେ ସଫଳତା ହାର କେତେ ସମଗ୍ର ଭାରତରେ ମାଣ୍ଡିଆ ଉତ୍ପାଦନରେ ଓଡିଶା ସ୍ଥାନ କଣ ତାହା ସ୍ପଷ୍ଟ କରିବେ କି ?

----

## ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସ ଖୋଲିବା

*39 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ଖୋଲିବା ପାଇଁ ସରକାରଙ୍କର Guide Line ସମ୍ପର୍କରେ ସୂଚନା ଦେବେ କି; (ଖ) ଭଦ୍ରକ ଜିଲ୍ଲାର ଆଗରପଡ଼ାଠାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଏକ ଗ୍ରାମୀଣ କ୍ୟାମ୍ପସ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେବେ କି ?

----

## ରାଜସ୍ୱ ଡାକବଙ୍ଗଳାର ପୁନରୁଦ୍ଧାର

*40 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେଗୋଟି ରାଜସ୍ୱ ଡାକବଙ୍ଗଳା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଓ ଏହାର ପୁନରୁଦ୍ଧାର ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଗହଣା ଦୋକାନରେ ମାପକ ତୃଟି ରୋକିବା

*41 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଗହଣା ଦୋକାନମାନଙ୍କରେ ମାନକ ଓ ମାପକରେ ତୃଟି ରୋକିବାକୁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଖାଲିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ

*42 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଖାଲିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଦୀର୍ଘ ବର୍ଷ ଧରି ପୁରଣ ନକରିବାର କାରଣ କ'ଣ ତାହା କହିବେ କି, ବିଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ କେଉଁ ଜିଲ୍ଲାରେ କେତେ ସଂଖ୍ୟକ କେଉଁ କେଉଁ ସ୍ତରର ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଛି ଓ କେତେ ନୂତନ ବିଦ୍ୟାଳୟ ଖୋଲାଯାଇଛି ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ବିଦ୍ୟାଳୟ ମାନଙ୍କରେ ଶିକ୍ଷକ ନିଯୁକ୍ତି ନକରିବା ଯୋଗୁ ଅଭିଭାବକ ମାନେ ଛାତ୍ରଛାତ୍ରୀଙ୍କୁ ସରକାରୀ ବିଦ୍ୟାଳୟ ପରିବର୍ତ୍ତେ ଘରୋଇ ବିଦ୍ୟାଳୟରେ ପାଠ ପଢାଇବା ପାଇଁ ଆଗ୍ରହ ପ୍ରକାଶ କରିଥିବା ପରିପ୍ରେକ୍ଷୀରେ ପ୍ରତ୍ୟେକ ଶ୍ରେଣୀ ପାଇଁ ଜଣେ ଶିକ୍ଷକ ନିଯୁକ୍ତି ଓ ବିଦ୍ୟାଳୟ ମାନଙ୍କରେ ଖାଲିଥିବା କେଉଁ ସ୍ତରର କେତେ ଶିକ୍ଷକ ପଦବୀ ପୁରଣ ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି, ଖାଲିଥିବା ପଦବୀ ମଧ୍ୟରୁ କେତେ ପଦବୀ କେବେ ସୁଦ୍ଧା ପୁରଣ କରାଯିବ କହିବେ କି ?

----

## ଚାଷୀମାନେ ଖରିଫ ଓ ରବିଚାଷୀଙ୍କ ପାଇଁ ନେଉଥିବା ଋଣ ଛାଡ଼

*43 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟ ସରକାର ଖରିଫ ଏବଂ ରବି ଚାଷ ପାଇଁ ୨୦୧୯-୨୦ରୁ ଆଜି ପର୍ଯ୍ୟନ୍ତ ପ୍ରତି ବର୍ଷ ମୋଟ କେତେ ଟଙ୍କା ଚାଷୀମାନେ ବ୍ୟାଙ୍କରୁ ଋଣ ନେଇଛନ୍ତି ଏହାର ବ୍ୟାଙ୍କର ନାମ ସହ ଜିଲ୍ଲାୱାରି ତାଲିକା ପ୍ରଦାନ କରିବେ କି; (ଖ) ଏହି ଋଣ ମାନଙ୍କୁ ସରକାର ଛାଡ୍ କରିବା ପାଇଁ ବିଚାର କରିବେ କି ଏବଂ କେଉଁ ସମୟ ସୀମା ଭିତରେ ସମସ୍ତ ଚାଷୀଙ୍କ ଋଣ ଛାଡ୍ ହେବ ?

----

## ବ୍ୟାପକ ମାଛ ଚାଷର ପ୍ରୋତ୍ସାହନ

*44 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବ୍ୟାପକ ମାଛ ଚାଷର ଆଦୃତ ସହ ରାଜ୍ୟର ମହିଳା, ବେକାର ଯୁବକ, ଯୁବତୀ ତଥା ଅନ୍ୟାନ୍ୟ ଉତ୍ସାହି ବ୍ୟକ୍ତିମାନଙ୍କ ପାଇଁ ରାଜ୍ୟରେ ବୃହତ umbrella ଯୋଜନା କାର୍ଯ୍ୟକାରୀ କରିଛନ୍ତି, ଏହି ଯୋଜନାର କାର୍ଯ୍ୟକାରିତାରେ ରାଜ୍ୟର ଆତ୍ମନିର୍ଭରଶୀଳତାର ସଂଖ୍ୟା ଅହେତୁକଭାବେ ବୃଦ୍ଧି ଘଟିବ, ରଣପୁର ନିର୍ବାଚନମଣ୍ଡଳୀର କେଉଁ କେଉଁ SHG ମହିଳାମାନଙ୍କୁ ଗ୍ରାମପଂଚାୟତରେ ପୋଖରୀଗୁଡିକୁ ଦିର୍ଘ ମିଆଦୀ ସୂତ୍ରରେଲିଜ୍ ଦିଆଯାଇ ସେମାନଙ୍କର ଆର୍ଥିକ ବିକାଶ ପାଇଁ ବ୍ୟବସ୍ଥା କରାଯାଇଛି, ତାହାର ଏକ ତାଲିକା ଦେବେକି, ରାଜ୍ୟ ସରକାରଙ୍କର ପ୍ରୋତ୍ସାହନରେ ରଣପୁର ନିର୍ବାଚନମଣ୍ଡଳୀର କେତେଜଣ ମାଛ ଚାଷୀ ସରକାରଙ୍କର ମାଛଚାଷ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ସଫଳ ହୋଇଛନ୍ତି ତାହାର ତାଲିକା ଦେବେ କି ?

----

## କପା ଚାଷ ଦ୍ୱାରା ବାର୍ଷିକ କପା ଉତ୍ପାଦନ

*45 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବଲାଙ୍ଗିର ଜିଲ୍ଲାରେ ଚାଷୀମାନେ କେତେ ହେକ୍ଟର ଜମିରେ କପା ଚାଷ କରି ବାର୍ଷିକ କେତେ ପରିମାଣର କପା ଉତ୍ପାଦନ କରି ପାରୁଛନ୍ତି, ବଲାଙ୍ଗିର ଜିଲ୍ଲାରେ ଥିବା Ginning Plant ର ତାଲିକା ଓ ସେମାନଙ୍କର ବାର୍ଷିକ ଉତ୍ପାଦନ କ୍ଷମତା କେତେ Ginning Plant ୱାରୀ ତଥ୍ୟ ଦେଇ ଏହି Ginning Plant ମାନେ ବଲାଙ୍ଗିର ଜିଲ୍ଲାରେ ଉତ୍ପାଦିତ କପା ମଧ୍ୟରୁ କେତେ ପରିମାଣର କପା ବ୍ୟବହାର କରି ପାରୁଛନ୍ତି ଓ ବଳକା କେତେ ପରିମାଣର କପା ବଲାଙ୍ଗିର ଜିଲ୍ଲା ବାହାରକୁ ଯାଉଛି, ବଲାଙ୍ଗିର ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ମଣ୍ଡି ନ ଥିବାରୁ କପା ଚାଷୀମାନେ ଅଭାବୀ ବିକ୍ରୀର ଶୀକାର ହେଉଥିବା ଅଭିଯୋଗ ଉପରେ ତଥ୍ୟ ଭିତ୍ତିକ ମତାମତ ଦେବେ କି, (ଖ) ବଲାଙ୍ଗିର ଜିଲ୍ଲା ତଥା ନିକଟବର୍ତ୍ତୀ କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ଉତ୍ପାଦିତ କପାକୁ ବ୍ୟବହାର କରି ଓ ବଲାଙ୍ଗିର ତଥା ନିକଟବର୍ତ୍ତୀ ଜିଲ୍ଲା ମାନଙ୍କର ବୁଣାକାରମାନଙ୍କୁ ଦୃଷ୍ଟିରେ ରଖି PPP Mode ବା ବେସରକାରୀ ଉଦ୍ୟୋଗ ସ୍ତରରେ ବଲାଙ୍ଗିର ଜିଲ୍ଲାରେ ଏକ Spinning Mill Cum Textile Park ସ୍ଥାପନ କରିବା ପ୍ରସ୍ତାବକୁ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ନେବେ କି ?

----

## ସ୍ନାତକୋତ୍ତର ଓ ଗବେଷଣା ଶିକ୍ଷା ଭିତ୍ତିଭୂମୀ ଉନ୍ନୟନ

*46 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ସ୍ନାତକୋତ୍ତର ଓ ଗବେଷଣା ଶିକ୍ଷା ଭିତ୍ତିଭୂମୀ ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଗ୍ରାମକୁ ରାଜସ୍ୱ ଗ୍ରାମରେ ଅନ୍ତର୍ଭୁକ୍ତ

*47 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଗତ 5 ବର୍ଷ ଭିତରେ କେଉଁ କେଉଁ ଜିଲ୍ଲାରେ କେତୋଟି ଗାଁକୁ ରାଜସ୍ୱ ଗ୍ରାମରେ ଅନ୍ତର୍ଭୁକ୍ତ କରାଯାଇଛି ଓ ଆଉ କେତୋଟି ବିଚାରାଧିନ ଅଛି ଜଣାଇବେ କି; (ଖ) ନର୍ଲା ନିର୍ବାଚନ ମଣ୍ଡଳୀର କେଉଁ କେଉଁ Hamlet କୁ ରାଜସ୍ୱ ଗ୍ରାମ କରିବା ପାଇଁ ପ୍ରସ୍ତାବ ଆସିଅଛି, ତାର ଏକ ତାଲିକା ଦେବେ କି ?

----

## ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ

*48 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମୟୂରଭଞ୍ଜ ଜିଲ୍ଲାର ଚାଷୀ ପଡୋଶୀ ଝାଡଖଣ୍ଡ ଓ ପଶ୍ଚିମବଙ୍ଗରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ଅଧିକ ବୋନସ୍ ମିଳୁଥିବାରୁ ଚାଷୀ ମଣ୍ଡିକୁ ଧାନ ନ ଆଣି ସମ୍ପୃକ୍ତ ରାଜ୍ୟର ବେପାରୀଙ୍କ ସାହାରା ଲୋଡୁଛନ୍ତି ଏହାର ସମାଧାନ କରିବେ କି, ମୟୂରଭଞ୍ଜ ଜିଲ୍ଲାର ଧାନ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ ପୂରଣ ନ ହେବାର କାରଣ କ'ଣ ?

----

## ସମସ୍ତ ବିଦ୍ୟାଳୟକୁ ଛାତଘର ଯୋଗାଣ

*49 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମସ୍ତ ଶ୍ରେଣୀ ପାଇଁ ଶ୍ରେଣୀ କକ୍ଷ ନଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ସଂଖ୍ୟା କେଉଁ ଜିଲ୍ଲାରେ କେତେ ରହିଛି ଏବଂ କେତେ ସଂଖ୍ୟକ ବିଦ୍ୟାଳୟ କଚ୍ଚାଘରେ, କେତେ ସଂଖ୍ୟକ ଛାତଘର ମଧ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ କରାଯାଉଅଛି ତା'ର ଏକ ବିବରଣୀ ଜିଲ୍ଲାୱାରୀ ପ୍ରଦାନ କରିବେ କି, ଛାତଘର ନଥିବା ବିଦ୍ୟାଳୟକୁ ଛାତ ଘରେ ପରିଣତ କରିବା ନିମନ୍ତେ କେତେ ଅର୍ଥ ଆବଶ୍ୟକ ହେବ ଏବଂ କେବେସୁଦ୍ଧା ସମସ୍ତ ବିଦ୍ୟାଳୟକୁ ଛାତ ଘରକୁ ପରିବର୍ତ୍ତନ କରାଯିବ ସେଥିପାଇଁ କି କି ପଦକ୍ଷେପ କେଉଁ ସ୍ଥିତିରେ ରହିଛି ଜଣାଇବେ କି ?

----

## ମାଛ ଉତ୍ପାଦନ ବୃଦ୍ଧି

*50 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାର ବାର୍ଷିକ କେତେ ମାଛର ଚାହିଦା ରହିଛି ଏବଂ ଜିଲ୍ଲାରୁ କେତେମାଛ ଉତ୍ପାଦିତ ହେଉଛି ତାହା ଜଣାଇବା ସହିତ ମାଛ ଉତ୍ପାଦନରେ ଜିଲ୍ଲାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି ତାହା ଜଣାଇବେ କି ?

----

## ନୂତନ ଶୀତଳ ଭଣ୍ଡାର ପ୍ରତିଷ୍ଠା

*51 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଆବଶ୍ୟକୀୟ ଶୀତଳଭଣ୍ଡାର ନଥିବା କାରଣରୁ ବାର୍ଷିକ କେତେ ପରିମାଣର ଓ କେତେ ମୂଲ୍ୟର ଫଳ ଓ ପରିବା ନଷ୍ଟ ହେଉଅଛି ତାର ଆକଳନ କରାଯାଇଛି କି, ଯଦି କରାଯାଇଛି ତାର ଜିଲ୍ଲାରୀ ବିବରଣୀ ପ୍ରଦାନ କରିବେ କି, ରାଜ୍ୟରେ ପ୍ରତ୍ୟେକ ବ୍ଲକ୍‌ରେ ଶୀତଳଭଣ୍ଡାର ପ୍ରତିଷ୍ଠା ନିମନ୍ତେ ବିଜେଡି ସରକାରଙ୍କ ନିର୍ବାଚନ ପ୍ରତିଶୃତିରେ ଘୋଷଣା କରିଥିବା ପରିପ୍ରେକ୍ଷୀରେ ସଂପୃକ୍ତ ଘୋଷଣା କେଉଁ କାରଣରୁ କାର୍ଯ୍ୟକାରୀ ହୋଇପାରିନାହିଁ ତାହା କହିବେ କି, (ଖ) ଶୀତଳଭଣ୍ଡାର ନଥିବା ବ୍ଲକ୍ ସଂଖ୍ୟା କେତେ ଏବଂ କେବେ ସୁଦ୍ଧା କେଉଁ ବ୍ଲକ୍‌ରେ ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବ କହିବେ କି ?

----

## ଛାତ୍ର/ଛାତ୍ରୀଙ୍କ ସ୍ଥିତି ସୁଧାର ପାଇଁ ଯୋଜନା

*52 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଛାତ୍ର-ଛାତ୍ରୀଙ୍କ ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ବାର୍ଷିକ ଶିକ୍ଷାସ୍ଥିତି ରିପୋର୍ଟରେ ପ୍ରକାଶିତ ନକାରାତ୍ମକ ଟିପ୍ପଣୀ ପାଇଁ ସରକାର କାହାକୁ ଉତ୍ତରଦାୟୀ କରିବେ; ବିଦ୍ୟାର୍ଥୀଙ୍କ ସ୍ଥିତି ସୁଧାର ଦିଗରେ ସରକାରଙ୍କ ଲକ୍ଷ୍ୟଭିତ୍ତିକ ଯୋଜନା କଣ ସବିଶେଷ ଜଣାଇବେ କି ?

----

## ପଞ୍ଚାୟତକୁ ମରୁଡି ଘୋଷଣା

*53 **ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ (ଖରିଆର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚଳିତ 2023-24 ବର୍ଷରେ ଖରିଫ ଋତୁରେ ମୋଟ କେତେ ବ୍ଲକର ଏବଂ ମୋଟ କେତେଗୋଟି ପଞ୍ଚାୟତରେ ମରୁଡି ପଡିଛି ଏବଂ ରାଜ୍ୟ ସରକାର କେତେଗୋଟି ବ୍ଲକର କେତେଗୋଟି ପଞ୍ଚାୟତକୁ ମରୁଡି ଘୋଷଣା କରିଛନ୍ତି ଏହାର ଗୋଟିଏ ତାଲିକା ପ୍ରଦାନ କରିବେ କି ; (ଖ) ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ବ୍ଲକର ସମସ୍ତ 27 ଗୋଟି ପଞ୍ଚାୟତରେ ମରୁଡି ପଡିଥିବା ସରକାର ଜାଣନ୍ତି କି ଏବଂ କେତେଗୋଟି ପଞ୍ଚାୟତକୁ ମରୁଡି ଘୋଷଣା କରିଛନ୍ତି ?

----

## ଖାଦ୍ୟ ସୁରକ୍ଷା ଯୋଜନା ଦ୍ୱାରା ମାଗଣା ଚାଉଳ ଯୋଗାଣ

*54 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟକ ଲୋକ କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ମାଗଣା ଚାଉଳ ପାଇଛନ୍ତି ଓ କେତେ ସଂଖ୍ୟକ ଲୋକ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣା ଚାଉଳ ପାଉଛନ୍ତି ଏହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ, ମାଗଣା ଚାଉଳ ଯୋଜନାରେ ସାମିଲ ହେବା ପାଇଁ କେଉଁ ଜିଲ୍ଲାରୁ କେତେ ଲୋକ ଆବେଦନ କରି ଅପେକ୍ଷାରେ ରହିଛନ୍ତି ତାହାର ଏକ ଜିଲ୍ଲାୱାରୀ ତାଲିକା ଦେବେ, ଏହି ଦୁଇ ଯୋଜନା ବ୍ୟତୀତ ଅନ୍ୟ କେଉଁସବୁ ଯୋଜନାରେ ରାଜ୍ୟରେ ହିତାଧିକାରୀମାନେ ମାଗଣା କିମ୍ବା ରିହାତି ଦରରେ କେତେ ପରିମାଣର ଚାଉଳ ପାଇଛନ୍ତି ତାହା ଉଲ୍ଲେଖ କରିବେ କି ?

----

## ବିଦ୍ୟାଳୟର ମରାମତି ପାଇଁ ପ୍ରଶାସନିକ ଅନୁମୋଦନ

*55 **ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ନାୟକ (ଭାବନୀପାଟଣା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) 2022 ଓ 2023 ମସିହାରେ ରାଜ୍ୟର କେଉଁ କେଉଁ DEO ଅଫିସ୍ ଓ ହାଇସ୍କୁଲର କେଉଁ କେଉଁ ମରାମତି ଓ Const. କାମ ପାଇଁ D.S.E.O ଦ୍ୱାରା ପ୍ରଶାସନିକ ଅନୁମୋଦନ ଦିଆଯାଇଥିଲା ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଉକ୍ତ କାମ ଭିତରେ L.E.D. Sign Board ଓ Lighting arrester କାମ ଥିଲା କି, ଯଦି 'ହଁ' ତାହାର ଏକ ତାଲିକା ପ୍ରଦାନ କରନ୍ତୁ ; (ଖ) ମୟୂରଭଞ୍ଜ DEO ଙ୍କ ପତ୍ର ସଂଖ୍ୟା 8036 dt.17.06.2023 ରେ କେଉଁ କେଉଁ ସରକାରୀ ହାଇସ୍କୁଲ ଓ D.E.O. ଅଫିସ୍ ର କି ପ୍ରକାର କାମ ପ୍ରସ୍ତାବ ଆସିଥିଲା ଓ ତାହା ଉପରେ ଅଦ୍ୟାବଧି କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## ଅନୁଦାନ ପାଇନଥିବା Degree ମହାବିଦ୍ୟାଳୟକୁ ଅନୁଦାନ ଦେବା

*56 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ଅନୁଦାନ ପାଉନଥିବା HSS ଏବଂ Degree ମହାବିଦ୍ୟାଳୟ 01.06.2008 ରୁ 01.06.2018 ମଧ୍ୟରେ ରହିଛି ଓ ଏହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି, ଉକ୍ତ ଅବଧି ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ ଅଣ ଅଧ୍ୟାପକ କର୍ମଚାରୀଙ୍କ ସଂଖ୍ୟା ଅଣ ଅନୁଦାନ ପ୍ରାପ୍ତ HSS ଏବଂ Degree, 662 ବର୍ଗ ଏବଂ HSS, Degree 488 ବର୍ଗ ମହାବିଦ୍ୟାଳୟ ମାନଙ୍କରେ ନିଯୁକ୍ତି ପାଇଛନ୍ତି ତା'ର ଜିଲ୍ଲାୱାରୀ ତାଲିକା ପ୍ରଦାନ ସହ ଏମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ସରକାର କେବେସୁଦ୍ଧା ପଦକ୍ଷେପ ନେବେ ?

----

## ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନ

*57 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓ ଗବେଷଣା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଭୂମିହୀନଙ୍କୁ ଘରଡିହ ପଟ୍ଟା ବଣ୍ଟନ

*58 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରେ କେଉଁ ତହସିଲରେ ବିଗତ ତିନି ବର୍ଷରେ କେତେ ଭୂମିହୀନଙ୍କୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି ଓ ଅବଶିଷ୍ଟଙ୍କୁ ବଣ୍ଟନ ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ଫଳ ଓ ପନିପରିବା ଚାଷପାଇଁ ପ୍ରୋତ୍ସାହନ

*59 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ ଫଳ ଓ ପନିପରିବା ଚାଷ ପ୍ରତି ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଉଚ୍ଚ ଶିକ୍ଷା ଭିତ୍ତିଭୂମିର ଉନ୍ନୟନ

*60 **ଶ୍ରୀ ସୁଧୀର କୁମାର ସାମଲ (ଢେଙ୍କାନାଳ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଢେଙ୍କାନାଳ ଜିଲ୍ଲାରେ ଉଚ୍ଚ ଶିକ୍ଷା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----